## ସଂକ୍ଷେପରେ

### ବଳାତ୍କାର ଅଭିଯୋଗ: ସମ୍ପର୍କୀୟ ଗିରଫ

ବ୍ରହ୍ମପୁର,୧୨ା୫(ସୁବାସ ଚନ୍ଦ୍ର ପାଢ଼ୀ)

ସମ୍ପର୍କୀୟା ପୁତୁରା ବୋହୂଙ୍କୁ ବଳାତ୍କାର ଅଭିଯୋଗରେ ବଡବଜାର ଥାନା ପୋଲିସ ଦାଦାଶ୍ୱଶୁରଙ୍କୁ ଗିରଫ କରିଛି। ସେ ହେଲେ କଳାହାଣ୍ଡି ଜିଲା ରାମପୁର ଥାନା ଅଞ୍ଚଳର ଅଭିରାମ ସାହୁ(୪୫)। ଶନିବାର ଏମକେସିଜିରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯିବା ପରେ ରବିବାର ଅଭିରାମଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିରାମଙ୍କ ପୁତୁରା ପରିବାର ସହ ବ୍ରହ୍ମପୁରରେ ରହନ୍ତି। ଅଭିରାମ ପ୍ରଲୋଭିତ କରି ପୁତୁରା ବୋହୂଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେ ଏହାର ପ୍ରତିବାଦ କରୁଥିଲେ ବି ବିଭିନ୍ନ ପ୍ରକାର ଭୟ ଦେଖାଇ ଆସୁଥିଲେ। ପୀଡ଼ିତା ଗତ ଏପ୍ରିଲ ମାସରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ଧରିଥିଲା। ଏ ନେଇ ନଂ. ୧୩୦/୨୪ରେ ମାମଲା ରୁଜୁ ହୋଇଛି।

### ପୋଖରୀରେ ବୁଡି ନାବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର,୧୨ା୫(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ପାଣିଗ୍ରାହୀ ପେଣ୍ଠ ସାହିରେ ରବିବାର ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀରାମନଗରର ରୋହିତ କୁମାର ସାହୁ(୧୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରୋହିତ ପୂର୍ବାହ୍ନରେ ସାହି ପୋଖରୀକୁ ଗାଧୋଇ ଯାଇଥିଲେ। ଅସାବଧାନତାରୁ ସେ ବୁଡି ଯାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମମାନେ ନାବାଳକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ଏମକେସିଜି ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର, ଯୁବକ ଗିରଫ

ବ୍ରହ୍ମପୁର,୧୨ା୫(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର ଅଭିଯୋଗରେ ସଦର ଥାନା ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହିଞ୍ଜିଳି ଥାନା ଅଞ୍ଚଳର ବିଚିତ୍ର ବେହେରା(୨୪)। ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। କୋର୍ଟରେ ପୀଡ଼ିତାଙ୍କର ବୟାନ ରେକର୍ଡ କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୧୭ ବର୍ଷୀୟା ଆଇଟିଆଇ ଛାତ୍ରୀଙ୍କ ସହ ବିଚିତ୍ରଙ୍କ ବନ୍ଧୁତା ହୋଇଥିଲା। ଗତ ୯ ତାରିଖରେ ଝିଅକୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୯/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୋବାଇଲ ଟ୍ରାକିଂ କରି ପୋଲିସ ନାବାଳିକାଙ୍କୁ ହିଞ୍ଜିଳିକାଟୁର ଏକ ଘରୁ ଉଦ୍ଧାର କରିବା ସହ ସେଠାରୁ ଅପହରଣକାରୀଙ୍କୁ ଧରିଥିଲା। ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ତାଙ୍କୁ ଏକ ଭଡ଼ା ଘରେ ରଖି ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ।

### ଶେରଗଡ଼ରେ ବିଜେଡିର ପ୍ରଚାର

ଶେରଗଡ,୧୨ା୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡର ୨୧ ପଞ୍ଚାୟତରେ ବିଜେଡି ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ, ଏମପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କ ପାଇଁ ନେତା ଓ କର୍ମୀମାନେ ଭୋଟ ମାଗିଛନ୍ତି। ଶେରଗଡଠାରେ ରବିବାର ସନ୍ଧ୍ୟାରେ ନେତା ଓ କର୍ମୀମାନେ ପ୍ରଚାର ଗାଡ଼ି ଧରି ପ୍ରତ୍ୟେକ ସାହି ବୁଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ସମିତି ସଭ୍ୟା ସବିତା ରାଣୀ ଚୌଧୁରୀ, ଗୌରହରି ବିଷୋୟୀ, ପ୍ରମୋଦ କୁମାର ପାତ୍ର ପ୍ରମୁଖ ବହୁ ନେତା ପ୍ରଚାରରେ ସାମିଲ ଥିଲେ।

# ଗଞ୍ଜାମର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ଆଜି

ବ୍ରହ୍ମପୁର,୧୨ା୫(ଅଶୋକ କୁମାର ସାହୁ)



ନିମଖଣ୍ଡି ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମତଦାନ ପାଇଁ ପ୍ରସ୍ତୁତି ଚାଲିଛି।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଓ ଏହା ଅଧୀନ ୭ ବିଧାନସଭା ଆସନ ପାଇଁ ସୋମବାର ମତଦାନ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୭ ବିଧାନସଭା ଆସନ ପାଇଁ ମୋଟ ୮୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୫ ଲକ୍ଷ ୯୦ ହଜାର ୬୫୫ ଭୋଟର ଅଛନ୍ତି। ବ୍ରହ୍ମପୁର ଲୋକସଭା ଆସନରେ ଗଞ୍ଜାମ ଜିଲାର ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି ଓ ଛତ୍ରପୁର ବିଧାନସଭା କ୍ଷେତ୍ର ଓ ଗଜପତି ଜିଲାର ମୋହନା ଏବଂ ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ର ରହିଛି। ଗୋପାଳପୁର ବିଧାନସଭା କ୍ଷେତ୍ରରେ ୨୨୬୦୫୦ ଭୋଟର, ଚିକିଟିରେ ୨୧୫୭୬୧, ଦିଗପହଣ୍ଡିରେ ୨୨୫୬୮୨, ବ୍ରହ୍ମପୁରରେ ୨୨୪୬୧୫ ଓ ଛତ୍ରପୁରରେ ୨୩୫୮୦୫ ଭୋଟର ଅଛନ୍ତି। ଉକ୍ତ ୫ ନିର୍ବାଚନ ମଣ୍ଡଳୀର ଚିକିଟିରେ ୨୪୧, ଦିଗପହଣ୍ଡିରେ ୨୫୬, ବ୍ରହ୍ମପୁରରେ ୧୭୪, ଗୋପାଳପୁରରେ ୨୧୬ ଏବଂ ଛତ୍ରପୁରରେ ୨୪୪ ପୋଲିଂ ଷ୍ଟେଶନ ହୋଇଛି। ମତଦାନ ପାଇଁ ସମସ୍ତ ବୁଥରେ ପାଣି ଓ ଖରାରୁ ରକ୍ଷା ପାଇଁ ଶେଡ ବ୍ୟବସ୍ଥା କରାଯାଇଛି। କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡିଛି।

# ବ୍ରହ୍ମପୁର ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି




ଲାଞ୍ଜିପଲୀଠାରେ ସଖୀ ମତଦାନ କେନ୍ଦ୍ର।

ବ୍ରହ୍ମପୁର,୧୨ା୫(ସ୍ମୃତି ରଞ୍ଜନ ମହାଲିକ)

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସୋମବାର ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଭୋଟଦାନ କେନ୍ଦ୍ର ଗୁଡିକରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ ପହଞ୍ଚିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବ୍ରହ୍ମପୁର ସହରରେ ୧୭୨ଟି ପୋଲିଂ ବୁଥ ସ୍ଥାପନ କରାଯାଇଛି। ଏଥିମଧ୍ୟରେ ହରିଡାଖଣ୍ଡି, ଗୋଲା ରଘୁନାଥପୁର, ଢୁଢୁମା କଲୋନୀ, ଆସ୍କା ରୋଡ, ପାଣିଗ୍ରାହୀ ପେଣ୍ଠ, ଶ୍ରୀରାମ ନଗର, ବଡବଜାର, ଆଗାସାହି, ମଙ୍ଗଳବାର ପେଟା, ପୁରୁଣା ବ୍ରହ୍ମପୁର, ମୃଦୁଙ୍ଗିଆ ସାହି, ରାମାଧିନ ସଂସ୍କୃତ ମହାବିଦ୍ୟାଳୟ, କରଣସାହି, ଉତ୍କଳ ସିନେମା ରୋଡ, ରଙ୍ଗୁଣିବନ୍ଧ ସାହି, ପ୍ରେମନଗର, ଜେମାଦେଇ ପେଣ୍ଠ, କେସି ଟାଉନ ହାଇସ୍କୁଲ ରୋଡ, ପ୍ରେମନଗର, ସିଟି ହାଇସ୍କୁଲ, କପିଳେଶ୍ୱର ପେଟା, ବାଲାଜୀ ପେଣ୍ଠ, ହନୁମାନ ବଜାର, ଗିରି ମାର୍କେଟ, ପାତ୍ରପେଟା, ନୀଳାଦ୍ରିବିହାର, ମିଲିଟାରୀ ଲେନ, ଖାଜା ସାହି, ଚର୍ଚ୍ଚ ରୋଡ, ପୁରୁଣା ବସଷ୍ଟାଣ୍ଡ, ଗେଟ ବଜାର, ସିଟି ହସ୍ପିଟାଲ ରୋଡ, ବ୍ରହ୍ମନଗର, ରମ୍ଭା ସାହି, ବଡଖେମୁଣ୍ଡି ସାହି, ବାବାଜିତୋଟା ସାହି, ଷ୍ଟେଟ ବ୍ୟାଙ୍କ ରୋଡ, ଉତ୍କଳ ଆଶ୍ରମ ରୋଡ, ଗୋଦାବରୀଶ ନଗର, ବିଜିପୁର, ଗୋସାଣୀ ନୂଆଗାଁ, ନେହରୁ ନଗର, ହିଲପାଟଣା, ଗୁଡସରୋଡ, କୋର୍ଟପେଟା, ଲାଞ୍ଜିପଲୀ, ଇଞ୍ଜିନିୟରିଂ ସ୍କୁଲ ରୋଡ, ମେଡିକାଲ କ୍ୟାମ୍ପସ, ଗଜପତି ନଗର, ବିଦ୍ୟାନଗର, ଗୋଇଲୁଣ୍ଡି ଓ ସେଲଟାକ୍ସ ଛକ ଆଦିରେ ମତଦାନ ପାଇଁ ବୁଥ କରାଯାଇଥିବା ସୂଚନା ମିଳିଛି।

# ଟିପିଏସ୍‌ଓଡିଏଲ୍ ଓ ବୌଦ୍ଧ ଆଇଟିଆଇ ମଧ୍ୟରେ ଏମ୍‌ଓୟୁ

ବ୍ରହ୍ମପୁର,୧୨ା୫(ସ୍ମୃତି ରଞ୍ଜନ ମହାଲିକ)




ବୁଝାମଣା ପତ୍ର ସ୍ୱାକ୍ଷରିତ ସମୟରେ ଉପସ୍ଥିତ ଟିପିଏସଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବୌଦ୍ଧ ଆଇଟିଆଇ ଅଧ୍ୟକ୍ଷ।

ଟିପିଏସ୍‌ଓଡିଏଲ୍ ଓ ବୌଦ୍ଧ ସରକାରୀ ଆଇଟିଆଇ କଲେଜ ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ରବିବାର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଆଇଟିଆଇ ଛାତ୍ରୀଛାତ୍ରଙ୍କ ଏକାଡେମିକ ଓ ଶିଳ୍ପ ସମ୍ବନ୍ଧୀୟ ବ୍ୟବହାରିକ ଜ୍ଞାନ ମଧ୍ୟରେ ସମନ୍ୱୟ ରହିବ ଏବଂ ଦକ୍ଷତାର ବିକାଶ ଘଟିବ। ଛାତ୍ରୀଛାତ୍ରମାନେ ଶିଳ୍ପ କ୍ଷେତ୍ରରେ ଯୋଗ ଦେବା ପାଇଁ ପ୍ରସ୍ତୁତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ଟିପିଏସଓଡିଏଲ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ ବୌଦ୍ଧ ଆଇଟିଆଇର ଅଧ୍ୟକ୍ଷ ଇଂ ଅବିନାଶ ମିଶ୍ର ଉପସ୍ଥିତ ଥିଲେ। ଗର୍ଗ କହିଛନ୍ତି, ଏହି ଏମଓୟୁ ଏକାଡେମିକ ଓ ଶିଳ୍ପ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ଦିଗରେ ସହାୟକ ହେବ। ବୁଝାମଣା ପତ୍ର ଅଧୀନରେ ବିଶେଷ କରି ଶିଳ୍ପ ସମ୍ବନ୍ଧୀୟ ତାଲିମ ପ୍ରଦାନ ସହ ସୁରକ୍ଷାମାନକ ଉପରେ ଗୁରୁତ୍ୱ ଦିଆଯିବ। ଆଇଟିଆଇ ଛାତ୍ରୀଛାତ୍ର ଅତ୍ୟାଧୁନିକ ତାଲିମ ସୁବିଧା ପାଇବେ। ଶ୍ରେଣୀ ଗୃହ ଓ ବ୍ୟବହାରିକ ଶିକ୍ଷା ସହ ବାସ୍ତବ ଶିଳ୍ପ ଦୁନିଆରେ କାମ କରିବାରେ ଅନୁଭୂତି ପାଇବେ। ଟିପିଏସଓଡିଏଲ ଓ ଆଇଟିଆଇ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୫ମ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏଥିମଧ୍ୟରେ ବ୍ରହ୍ମପୁର, ହିଞ୍ଜିଳିକାଟୁ, ରାୟଗଡା ଓ ଜୟପୁର ଆଇଟିଆଇ ରହିଛି।

# ବିଧାୟିକା ପ୍ରାର୍ଥୀ, ଏମ୍‌ପି ପ୍ରାର୍ଥୀଙ୍କ ରୋଡ଼ ଶୋ

ଖଲ୍ଲିକୋଟ,୧୨ା୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବିଜେଡି ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ ଓ ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁ ରବିବାର ଖଲ୍ଲିକୋଟରେ ବିଶାଳ ରୋଡ଼ ଶୋ' କରିଛନ୍ତି। ନାରାୟଣୀ ଛକଠାରୁ କୋଦଳା ଯାଏ ଏହି ରୋଡ଼ ଶୋ' ହୋଇଥିଲା। ସନ୍ଧ୍ୟାରେ ନାରାୟଣୀ ଛକରୁ ରୋଡ଼ ଶୋ' ଆରମ୍ଭ ହୋଇଥିଲା। ଦୁଇଟି କାରରେ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ ଓ ଆସିକା ଲୋକ ସଭା ପ୍ରାର୍ଥୀ ରଞ୍ଜିତା ସାହୁ ଭୋଟ ଭିକ୍ଷା କରିଥିଲେ। ଶ୍ରୀ କୃଷ୍ଣ ଶରଣପୁର ପଞ୍ଚାୟତର ଯୁବ ସମିତି ସଭ୍ୟ ରାଜୁ ତରେଇଙ୍କ ନେତୃତ୍ୱରେ ପ୍ରାୟ ୪ ହଜାର ଯୁବକ ରୋଡ଼ ଶୋ'ରେ ସାମିଲ ହୋଇଥିଲେ। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭିକାରୀ ପାଣ୍ଡି, ତୁଳସୀପୁର ସରପଞ୍ଚ ସିକ ପାଣ୍ଡି, ସମିତି ସଭ୍ୟ ଦୈତାରୀ ବେହେରା, ରତ୍ନାକର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ ପ୍ରମୁଖ ରୋଡ଼ ଶୋ'ରେ ସାମିଲ ଥିଲେ।

### ତାଲା ବନ୍ଦ ଘରୁ ଲୁଟିଲେ ଦୁର୍ବୃତ୍ତ

ଗୋପାଳପୁର,୧୨ା୫(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମରେ ଏକ ତାଲାବନ୍ଦ ଘରୁ ଟଙ୍କା, ସୁନାଗହଣା ଲଟ ହୋଇଥିବା ସ୍ଥାନୀୟ ଥାନାରେ ରବିବାର ଅଭିଯୋଗ ହୋଇଛି। ମାଣ୍ଡିଆପଲ୍ଲୀର ସୁଦର୍ଶନ ସେଠୀ ଗତ ୧୦ ତାରିଖରେ ଏକ ବିବାହ ଭୋଜିକୁ ପରିବାର ସହ ଯାଇଥିଲେ। ୧୧ତାରିଖରେ ଘରକୁ ଆସି ଦେଖିଲା ବେଳକୁ ଦାଣ୍ଡଘର ଓ ମଝି ଘର ଗ୍ରିଲ୍ ତାଲା କାଟି ବେଡ଼ ରୁମରେ ଆଲମାରୀରୁ ୨ ଭରି ଓଜନ ସୁନା ଚେନ , ୨ଟି ମୁଦି, ପାଉଁଜି, ୨ଟି ହାତଘଣ୍ଟା, ନଗଦ ୫ହଜାର ଟଙ୍କା ଦୁର୍ବୃତ୍ତ ଲୁଟି ନେଇଥିବା ନେଇ ଥାନାରେ ଘର ମାଲିକ ସୁଦର୍ଶନ ଅଭିଯୋଗ କରିଛନ୍ତି। ପୋଲିସ ନଂ ୧୫୭/୨୪ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବେଆଇନ ମଦ ବିକ୍ରି, ୨ କର୍ମଚାରୀ ଗିରଫ

ବ୍ରହ୍ମପୁର,୧୨ା୫(ସୁବାସ ଚନ୍ଦ୍ର ପାଢ଼ୀ)

ନିର୍ବାଚନ ବେଳେ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ହୋଇଛି । ବ୍ରହ୍ମପୁର ସହରରେ ଏହି ସରକାରୀ ଆଦେଶର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। ବହାର ପଟୁ ମଦ ଦୋକାନ ବନ୍ଦ ରହିଥିଲେ ମଧ୍ୟ ପଛପଟେ ବେଆଇନ ଭାବେ ବିକ୍ରି ହେଉଛି । ବ୍ରହ୍ମପୁରର ହରିଡାଖଣ୍ଡି ଛକ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ ରବିବାର ବେଆଇନ ବିକ୍ରି ଚାଲୁଥିବା ବେଳେ ଅବକାରୀ ବିଭାଗ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେଠାରୁ ୨ ପେଟି ବିୟର ଓ ଅନ୍ୟାନ୍ୟ ବ୍ରାଣ୍ଡର ବିଦେଶୀ ମଦ ଜବତ କରାଯାଇଛି। ଗିରଫଦ୍ୱୟ ହେଲେ ମଦ ଦୋକାନ କର୍ମଚାରୀ ସୀମାଞ୍ଚଳ ସ୍ୱାଇଁ ଓ ବାଳକୃଷ୍ଣ ନାୟକ । ଏନେଇ ୩୪/୨୪-୨୫ ରେ ଏକ ମାମଲା ରୁଜୁ ହୋଇଛି। ସୋମବାର ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଭୋଟ ଗ୍ରହଣ କରାଯିବ । ତେଣୁ ଗତ ୧୧ ତାରିଖ ଠାରୁ ଏହି ସଂସଦୀୟ କ୍ଷେତ୍ର ଅଧିନ ସମସ୍ତ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ଦୋକାନ, ବିୟର ବାର, ମଦ ଭାଟି ଆଦି ବନ୍ଦ ରଖିବାକୁ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି । ହେଲେ ରବିବାର ଅପରାହ୍ନରେ ହରିଡାଖଣ୍ଡି ଛକ ନିକଟରେ ଥିବା ଏହି ଠିପି ବନ୍ଦ ବିଦେଶୀ ମଦ ଦୋକାନ ପଛପଟେ ୨ ଜଣ କର୍ମଚାରୀ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଏପରିକି ଏହାର ଭିଡିଓ ସାମାଜିକ ଗଣମାଧ୍ୟମ ଭାଇରାଲ ହୋଇଥିଲା ।

# ପଥର ଛେଚି ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି/ଚିକିଟି, ୧୨ା୫
(ଅଶେଷ ନାଥ ମିଶ୍ର/ ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ଦେଉଳିଆପଡ଼ା ଗ୍ରାମର ଡାଲାଅଟୋ ମାଲିକ ମିଳନ ସାହୁ। ରବିବାର ସକାଳେ କ୍ଷତାକ୍ତ ମୃତଦେହକୁ କେ.ନୂଆଗାଁ ଥାନା ପୋଲିସ ଜବତ କରିଛି। ମିଳନଙ୍କ ମୁଣ୍ଡ ଓ ମୁହଁରେ ପଥର ଛେଚି ହତ୍ୟା କରାଯାଇଛି। ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

ଶନିବାର ସନ୍ଧ୍ୟାରେ ମିଳନ ତାଙ୍କ ଡାଲାଅଟୋ ନେଇ ନୂଆପଡ଼ା କଲେଜ ନିକଟକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଥିବା ରାତି ଜଗୁଆଳଙ୍କ ସହ କଥା ହୋଇ ପରେ ଜଣେ ଯୁବକଙ୍କ ବାଇକ୍‌ରେ ବସି କେଉଁଆଡ଼େ ଚାଲିଯାଇଥିଲେ। ରାତି ୧୦ଟା ସୁଦ୍ଧା ମିଳନ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରି କଥା ହୋଇଥିଲେ। ପରେ ମିଳନଙ୍କ ଫୋନ୍ ସୁଇଚ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ନାରାୟଣପୁର ଗ୍ରାମ ନିକଟ କେନାଲ ହୁଡ଼ାରେ ପଡ଼ିଥିବା ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ସେତେବେଳେ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ପରିବାର ଲୋକେ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଜୁଆ ଖେଳକୁ କେନ୍ଦ୍ରକରି ମିଳନଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି।

# ସେକ୍ସ ର୍‌ୟାକେଟ ଠାବ, ଦଲାଲ ଗିରଫ

ରମ୍ଭା,୧୨ା୫( ବନବାସୀ ସେଠୀ )

ଗଞ୍ଜାମ ଜିଲା ରମ୍ଭା ଥାନା ସାନଘାଟି ତାମିଲ ଢ଼ାବା ପଛ ଓଡିଆରପି କଲୋନୀ ନିକଟରେ ପୋଲିସ ରବିବାର ଆନ୍ତଃଜିଲା ସେକ୍ସ ର୍‌ୟାକେଟ ଠାବ କରିଛି। ସେଠାରେ ଥିବା ଏକ ଘରୁ ୪ ଦେହଜୀବୀଙ୍କ ସହ ଜଣେ ଦଲାଲଙ୍କୁ ଧରାଯାଇଛି। ୩ ଜଣ ଫେରାର ଅଛନ୍ତି। ଘଟଣାସ୍ଥଳରୁ ଗୋଟିଏ ମୋବାଇଲ ଫୋନ, ମଦ ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଦେହଜୀବୀଙ୍କ ମଧ୍ୟରେ ବାଲେଶ୍ୱରର ୨ଜଣ, କେନ୍ଦୁଝର ଅଞ୍ଚଳର ଜଣେ ଓ ରାଉରକେଲା ଅଞ୍ଚଳର ଜଣେ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟବ୍ରତ ଭୂତିଆ କହିଛନ୍ତି। ନଂ. ୩୦୭/୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ମା'ଙ୍କ ପାଦ ପୂଜାକଲେ ଶିଶୁ



ପିଲାମାନେ ମା'ଙ୍କ ପାଦ ଧୋଇ ପୂଜା କରୁଛନ୍ତି।

ବ୍ରହ୍ମପୁର,୧୨ା୫(ଅଶୋକ କୁମାର ସାହୁ)

ସ୍ଥାନୀୟ ଗଣେଶ ଭାସ୍କର ମହିଳା ହାସ୍ୟ ଯୋଗ ସଂଗଠନ ପକ୍ଷରୁ ରବିବାର କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନେ ମା'ଙ୍କ ପାଦ ଧୋଇ ପୂଜା କରିଥିଲେ। ସଂଗଠନର ହାସ୍ୟଗୁରୁ ରତ୍ନମାଳା ପାତ୍ର କହିଥିଲେ, ମାତାପିତାଙ୍କୁ କେବେହେଲେ ଅସମ୍ମାନ କରିବା ଉଚିତ ନୁହେଁ। ପରିଣତ ବୟସରେ ତାଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ଉଚିତ। ପିଲାଙ୍କୁ ଗାୟତ୍ରୀ ମନ୍ତ୍ର ସମ୍ପର୍କରେ ବୁଝାଯିବା ସହ ଈଶ୍ୱରଙ୍କ ସତ୍ୟ ସ୍ୱରୂପ ଚିତ୍ରପଟ ବଣ୍ଟନ କରାଯାଇଥିଲା। ଗାୟତ୍ରୀ ମନ୍ତ୍ରକୁ ପ୍ରତ୍ୟହ ଗାନ କରିବାକୁ ବୁଝାଯାଇଥିଲା। ଶେଷରେ ଶିଶୁମାନଙ୍କୁ ନେଇ ନାଚଗୀତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟା କୁନି ପାଢ଼ୀ, ଅନିତା ପାତ୍ର, ମିନତୀ ସାହୁ, ସୁପ୍ରଭା କର, ସରୋଜ ପାଢ଼ୀ, ସୁଚେତା ପଣ୍ଡା, ସଙ୍ଗୀତା ଚୌଧୁରୀ, ରଶ୍ମିତା ପୃଷ୍ଟି, ରଶ୍ମିପ୍ରଭା ମହାପାତ୍ର, ପ୍ରଭାତି ସାହୁ, ବିଷ୍ଣୁପ୍ରିୟା ପାତ୍ର, ସଚଳା ରଥ, ଭାଗ୍ୟଲତା ପାଢ଼ୀ, ସ୍ୱପ୍ନା ପାତ୍ର, ସୁପ୍ରଭା କର, ସୁନିତା ପାତ୍ର, ମମତା ପଣ୍ଡା, ବୟୋଜ୍ୟେଷ୍ଠା ଶାନ୍ତିଲତା ଦାସ ଓ ପିଲାମାନେ ଯୋଗଦେଇଥିଲେ।

# ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୧୨ା୫ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ସୋମବାର ମତଦାନ ହେବାକୁ ଥିବା ବେଳେ ରବିବାର ସନ୍ଧ୍ୟାରେ ହୁଗୁଲାପଟା ଛକଠାରେ ଭାଜପା କର୍ମୀ ଏନ. ଗଙ୍ଗାଧର ପାତ୍ରଙ୍କୁ କେତେଜଣ ବିଜେଡି ନେତା ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଛନ୍ତି। ନିମଖଣ୍ଡି ଥାନାରେ ଏ ନେଇ ଗଙ୍ଗାଧର ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗଙ୍ଗାଧର ସନ୍ଧ୍ୟାରେ ହୁଗୁଲାପଟା ଛକ ଦେଇ ଯାଉଥିବା ବେଳେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କିଛି ବିଜେଡି ନେତା ତାଙ୍କ କାରକୁ ଅଟକାଇଥିଲେ। ୨୦ରୁ ୨୫ ଜଣ ତାଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ

# ଏମ୍‌କେସିଜିରେ ଅନ୍ତର୍ଜାତୀୟ ସେବିକା ଦିବସ



ସେବିକା ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର ,୧୨ା୫(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ଥିବା ସେବିକା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସେବିକା (ନର୍ସିଂ)ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର୍ ଡ଼. ରାଜଲକ୍ଷ୍ମୀ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଯୋଗ ଦେଇ ସେବିକା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ସ୍କୁଲ ଲ୍ୟାବ ପରାମର୍ଶଦାତା ଊଷାକାନ୍ତି ମହାପାତ୍ର ସେବିକା ଛାତ୍ରୀ ଓ ଛାତ୍ରଙ୍କ ଭବିଷ୍ୟତ ସମ୍ପର୍କରେ କରିଥିଲେ। ନର୍ସିଂ କେବଳ ଏକ ଚାକିରି ନୁହେଁ ବରଂ ରୋଗୀଙ୍କ ମୁହଁରେ ହସ ଫୁଟାଇଥାଏ। ଯାହାଫଳରେ ଆତ୍ମସନ୍ତୋଷ ମିଳିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ବିଏସସି ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସେବାର ମହତ୍ତ୍ୱ ଅବଗତ କରାଇବା ସହ ସେମାନଙ୍କୁ ଶପଥ ପାଠ କରାଯାଇଥିଲା।

# ପ୍ରକୃତି ସୁରକ୍ଷାକୁ ନିଜ ଦାୟିତ୍ୱ ଭାବିବା ଉଚିତ

ବ୍ରହ୍ମପୁର,୧୨ା୫(ଅଶୋକ କୁମାର ସାହୁ)



ବିଭିନ୍ନ ସଂଗଠନର ସଦସ୍ୟମାନେ ମଞ୍ଜି ସଂଗ୍ରହ କରୁଛନ୍ତି।

ପ୍ରକୃତି ଆମର ସୁରକ୍ଷା କରୁଛି। କିନ୍ତୁ ମନୁଷ୍ୟ ପ୍ରକୃତିକୁ ବିଭିନ୍ନ ସ୍ତରରେ ଧ୍ୱଂସ କରି ଚାଲିଛି। ପୃଥିବୀରେ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ତେଣୁ ମନୁଷ୍ୟ ପ୍ରକୃତି ସୁରକ୍ଷାକୁ ନିଜ ଦାୟିତ୍ୱ ଭାବିବା ଉଚିତ ବୋଲି ସ୍ଥାନୀୟ ଆନ୍ଧ୍ର ମହିଳା ସମାଜମ ଗୃହଠାରେ ରବିବାର ହୋଇଥିବା ଜଙ୍ଗଲ ପାଇଁ ମଞ୍ଜିଟିଏ କାର୍ଯ୍ୟକ୍ରମରେ କୁହାଯାଇଛି। ମନମ୍ ମନମ୍ ବ୍ରହ୍ମପୁରମ୍ ହ୍ୱାଟ୍ସଆପ ଗ୍ରୁପ, ଆନ୍ଧ୍ର ମହିଳା ସମାଜମ ଦ୍ୱାରା ଆୟୋଜିତ ଏବଂ ବ୍ରହ୍ମପୁର ସବୁଜ ବାହିନୀ ଏବଂ ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ଦିନ ଆମ୍ବ, ପଣସ, ତେନ୍ତୁଳି, ଖଜୁରି, ବରକୋଳି, ଜାମୁ କୋଳି ଏବଂ ଅନେକ ଫଳ ଖାଇ ଏଣେତେଣେ ମଞ୍ଜି ଫୋପାଡି ଦେଲେ ଗଛ ହେଲେ ବି ଦୀର୍ଘାୟୁ ହେଉନି। ତେଣୁ ଘରୁ ବାହାରୁଥିବା ଫଳ ମଞ୍ଜି ସଂଗ୍ରହ କରି ନୂତନ ସ୍ଥାନରେ ତାକୁ ଲଗାଇଲେ ତାହା ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ ସଦସ୍ୟଙ୍କ ଦ୍ୱାରା ସଂଗୃହୀତ ମଞ୍ଜିକୁ ବର୍ଷା ଆଗମନ ପୂର୍ବରୁ ବିଭିନ୍ନ ପାହାଡ, ଜଙ୍ଗଲ ଓ ଖୋଲାସ୍ଥାନରେ ପୋତିବାକୁ ଲକ୍ଷ୍ୟ ରଖାଯାଇଛି। ସପ୍ତାହକୁ ଯେତିକି ମଞ୍ଜି ସଂଗୃହୀତ ହେଉଛି ତାହା ସମାଜମ ଗୃହରେ ଗଚ୍ଛିତ ରଖିବାକୁ ଅନୁରୋଧ କରାଯାଇଛି। ମନମ ମନମ ବ୍ରହ୍ମପୁରମର ଆବାହକ ଶ୍ରୀନିବାସ ରାଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆନ୍ଧ୍ର ମହିଳା ସମାଜମର ଅଧ୍ୟକ୍ଷା ଏମ.କାମେଶ୍ୱରୀ, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ବାଲ କ୍ରିଷ୍ଣା ଶର୍ମା, ଆର.ଶଙ୍କର ରାଓ ଆଚାରୀ, ଏମ.ଭେଙ୍କଟ ରାମଣା, ବନମାଳୀ ପ୍ରଧାନ, ଏସ.ଜାନକୀ, କେ.କୁସୁମ, ଇପାରି ଶ୍ରୀଦେବୀ, ଏ.ରାଧିକା, ଡ. ପଦ୍ମଜା ପ୍ରମୁଖ ସହଯୋଗ କରିଥିଲେ।

